# ଉପଜିଲ୍ଲାପାଳ-ତଥା- କାର୍ଯ୍ୟନିର୍ବାହୀ ଅଧିକାରୀ,ଦେବୋତ୍ତର, ପାଟଣାଗଡଙ୍କ କାର୍ଯ୍ୟାଳୟ,

ବିଜ୍ଞାପନ ସଂଖ୍ୟା 3080 ...... ତାରିଖ 08.07.2025

ଏତଦ୍ଵାରା ଏହି ବିଜ୍ଞାପନ ମାଧମରେ ଜନସାଧାରଣଙ୍କୁ ସୂଚିତ କରି ଦିଆଯାଉଅଛି ଯେ, ଶ୍ରୀଜଗନ୍ନାଥ ମନ୍ଦିର,ମଣ୍ଡଲର ଚାଷଜମିକୁ ୨୦୨୫-୨୬ ଠାରୁ ୨୦୨୯-୩୦ (୫ ବର୍ଷ ପାଇଁ ) ଏବଂ ଶ୍ରୀ ବଳଦେବ ଜୀଉ ମନ୍ଦିର,ବ୍ରହ୍ମପୁରା,ପାଟଣାଗଡ଼ର ଚାଷ ଜମିକୁ ବର୍ଷ ୨୦୨୫-୨୬ (୧ ବର୍ଷ ପାଇଁ) ଦେବୋତ୍ତର, ପାଟଣାଗଡ ଦ୍ଵାରା ନିଲାମ କରାଯିବ । ନିଲାମ ପ୍ରକ୍ରିୟାରେ ଭାଗ ନେବାକୁ ଇଚ୍ଛୁକ ଥିବା ବ୍ୟକ୍ତି ନିମ୍ନମତେ ଧାର୍ଯ୍ୟ କରାଯାଇ ଥିବା ସରକାରୀ ମୂଲ୍ୟର ୧୦% ରାଶି ଅମାନତ ବାବଦକୁ ଜମା କରି ଉପଜିଲ୍ଲାପାଳ,ପାଟଣାଗଡ଼ଙ୍କ କାର୍ଯ୍ୟାଳୟ ଠାରେ ଉଦ୍ଦିଷ୍ଟ ଥିବା ଜଉମୂଦ ବାକ୍ସରେ **ତା.୦୯.୦୭.୨୦୨୫ ରୁ ୧୫.୦୭.୨୦୨୫** ମଧ୍ୟରେ ( କେବଳ ସରକାରୀ କାର୍ଯ୍ୟ ଦିବସ ରେ) ଅପରାହ୍ନ ଘ.୫.୩୦ ପର୍ଯ୍ୟନ୍ତ ପକାଇ ପାରିବେ ।ଟେଣ୍ଡର ଆବେଦନ ଫର୍ମ ଦେବୋତ୍ତର,ପାଟଣାଗଡ କାର୍ଯ୍ୟାଳୟ ଠାରୁ ପାଇ ପାରିବେ ଏବଂ (balangir.odisha.gov.in) ୱେବସାଇଟ ରୁ ଡାଉନଲୋଡ କରିପାରିବେ। ନିଲାମ ନିମନ୍ତେ ସମସ୍ତ ଦେୟରାଶି କେବଳ **ଡିମାଣ୍ଡ ଡ୍ରାଫ୍ଟ, ବ୍ୟାଙ୍କର୍ସ ଚେକ ଅଥବା ଉପଜିଲ୍ଲାପାଳ-ତଥା-କାର୍ଯ୍ୟନିର୍ବାହୀ ଅଧିକରୀ, ଦେବୋତ୍ତର, ପାଟଣାଗଡ଼ଙ୍କ SB A/c No.11263177818 IFSC Code:SBIN0001321 ରେ ଆକାଉଣ୍ଟ ଟ୍ରାନ୍ସଫର କିମ୍ବା ଦେବୋତ୍ତର,ପାଟଣାଗଡ଼ କାର୍ଯ୍ୟାଳୟରେ ନଗଦ ଜମା** ଆକାରରେ ଗ୍ରହଣ କରାଯିବ । ଇଚ୍ଛୁକ ବ୍ୟକ୍ତିମାନେ ନିର୍ଦ୍ଧାରିତ ଫର୍ମରେ ଟେଣ୍ଡର ପକାଇବା ପାଇଁ ଅମାନତ ଜମା ର **ଡିମାଣ୍ଡ ଡ୍ରାଫ୍ଟ ,ବ୍ୟାଙ୍କର୍ସ ଚେକ, ଡିପୋଜିଟ ସ୍ଲିପ ଅଥବା ଦେବୋତ୍ତର କାର୍ଯ୍ୟାଳୟର ରସିଦ** ଆବେଦନ ଫର୍ମରେ ସଂଲଗ୍ନ କରି ଜଉମୁଦ ବାକ୍ସ ରେ ପକାଇବେ।ଡିମାଣ୍ଡ ଡ୍ରାଫ୍ଟ, ବ୍ୟାଙ୍କର୍ସ ଚେକ,ବ୍ୟାଙ୍କ ଖାତା ଆବେଦନକାରୀଙ୍କ ନାମରେ ଥିବା ବାଧ୍ୟତାମୂଳକ । ଆବେଦନକାରୀଙ୍କ ବ୍ୟତୀତ ଅନ୍ୟ ବ୍ୟକ୍ତି ନାମରେ ଥିବା ଡିମାଣ୍ଡ ଡ୍ରାଫ୍ଟ ଅଥବା ବ୍ୟାଙ୍କର୍ସ ଚେକ, ଆକାଉଣ୍ଟ ଟ୍ରାନ୍ସଫର ସ୍ଵୀକାର କରାଯିବ ନାହିଁ ।ଜଉମୂଦ ବାକ୍ସ ଖୋଲାଯିବା ପରେ ଆବେଦନକାରୀ ମାନେ ଅମାନତ ରାଶିର ପ୍ରାପ୍ତି ସ୍ଵୀକାର ରସିଦ ଦେବୋତ୍ତର କାର୍ଯ୍ୟାଳୟରୁ ଗ୍ରହଣ କରିବେ। ସମସ୍ତ ଜଉମୁଦ ଟେଣ୍ଡର ଗୁଡିକ **ତା.୧୬.୦୭.୨୦୨୫ ଦିବା ଘ.୧୧.୦୦** ସମୟରେ ଉପଜିଲ୍ଲାପାଳ,ପାଟଣାଗଡ଼ଙ୍କ କାର୍ଯ୍ୟାଳୟରେ ଦେବୋତ୍ତର ଉପଦେଷ୍ଟା ବୋର୍ଡ଼ର ସଦସ୍ୟଙ୍କ ଉପସ୍ଥିତିରେ ଖୋଲା ହେବ । ଯେଉଁ ବ୍ୟକ୍ତିମାନେ ଉପରୋକ୍ତ ସଂପତ୍ତିମାନଙ୍କର ନିଲାମ ଡାକରେ ଯୋଗ୍ୟ ବିବେଚିତ ହେବେ ତାଙ୍କର ଅମାନତ ଟଙ୍କା ଶେଷ କିସ୍ତିରେ ଯୋଗ ହେବ ଓ ଅନ୍ୟ ମାନଙ୍କର ଅମାନତ ଟଙ୍କା ଫେରସ୍ତ ହେବ । ନିଲାମ ଗ୍ରହୀତା ସର୍ବମୋଟ ନିଲାମ ରାଶିର ୩୩ % ରାଶି ଆସନ୍ତା **ତା.୨୨.୦୭.୨୦୨୫** ଦିନ ଅପରାହ୍ନ ୫.୩୦ ଘଟିକା ମଧ୍ୟରେ ନିମ୍ନ କର୍ତ୍ତୃପକ୍ଷଙ୍କ ନିକଟରେ ଜମା ଦେଇ ନିର୍ଦ୍ଧାରିତ ଫର୍ମରେ ଚୁକ୍ତି ସଂପାଦନ କରିବେ । ଉକ୍ତ ଦିନରେ ଚୁକ୍ତିନାମା ସ୍ଵାକ୍ଷର ନ କଲେ ଦ୍ଵିତୀୟ ସର୍ବାଧିକ ଅଭିବ୍ୟକ୍ତି ପ୍ରକାଶନ ମୂଲ୍ୟ ପ୍ରଦର୍ଶନକାରୀଙ୍କୁ ଟେଣ୍ଡର ଦିଆଯିବ ଏବଂ ଚୁକ୍ତିନାମା ସ୍ଵାକ୍ଷର ନ କରିଥିବା ଆବେଦନକାରୀଙ୍କ ଅମାନତ ରାଶିକୁ ଫେରସ୍ତ କରାଯିବ ନାହି।ଶ୍ରୀଜଗନ୍ନାଥ ମନ୍ଦିର,ମଣ୍ଡଲର ଚାଷଜମି ପାଇଁ ଚୁକ୍ତିନାମା ସ୍ଵାକ୍ଷର କରିଥିବା ବ୍ୟକ୍ତି ନିଲାମ ରାଶିର ଦ୍ଵିତୀୟ କିସ୍ତି ନିଲାମ ରାଶିର ୩୩ % ୩୧.୦୩.୨୦୨୬ ସୁଦ୍ଧା ପଇଠ କରିବେ ଓ ତଦଅନୁସାରେ ଶେଷ କିସ୍ତି ନିଲାମ ରାଶିର ୩୪ %(ଯାହାକି ଅମାନତ ରାଶିରେ ମିଶିବ) ୩୧.୦୩.୨୦୨୭ ସୁଦ୍ଧା ପଇଠ କରିବେ । ଶ୍ରୀ ବଳଦେବ ଜୀଉ ମନ୍ଦିର,ବ୍ରହ୍ମପୁରା,ପାଟଣାଗଡ଼ର ଚାଷଜମି ପାଇଁ ଯୋଗ୍ୟ ହୋଇଥିବା ଆବେଦନ କାରୀ ନିଲାମ ରାଶିର ଦ୍ଵିତୀୟ କିସ୍ତି ୩୩% ରାଶି ୩୧.୦୧.୨୦୨୬ ସୁଦ୍ଧା ପଇଠ କରିବେ ଓ ତଦଅନୁସାରେ ଶେଷ କିସ୍ତି ନିଲାମ ରାଶିର ୩୪ % ରାଶି(ଯାହାକି ଅମାନତ ରାଶିରେ ମିଶିବ) ୩୧.୦୩.୨୦୨୬ ସୁଦ୍ଧା ପଇଠ କରିବେ । ନିର୍ଦ୍ଧାରିତ ସମୟରେ ନିଲାମ ରାଶି ପଇଠ ନ କଲେ ଅମାନତ ଟଙ୍କା ବାଜ୍ୟାପ୍ତ କରାଯାଇ ପୁନଃ ଟେଣ୍ଡରର ଆହ୍ୱାନ କରାଯିବ । ମାତ୍ର କୌଣସି ସ୍ଥଳେ ସରକାରୀ ମୂଲ୍ୟରୁ କମ ରେ ଦିଆଯିବ ନାହିଁ ।

ପ୍ରକାଶ ଥାଉକି ନିଲାମ ଗ୍ରହଣ କିମ୍ବା ନାକଚ କରିବା ଅଧିକାର ନିମ୍ନ କର୍ତ୍ତୃପକ୍ଷଙ୍କ ଠାରେ ସୁରକ୍ଷିତ ଅଛି । ଏହି ନିଲାମରେ କେବଳ ପାଟଣାଗଡ ଉପଖଣ୍ଡର ସ୍ଥାୟୀ ବାସିନ୍ଦାମାନଙ୍କୁ ଅଗ୍ରାଧିକାର ଦିଆଯିବ ଏବଂ ଖୁଲାପକାରୀ ମାନଙ୍କୁ ଦିଆଯିବ ନାହିଁ ।

ନିଲାମ ହେବାକୁ ଥିବା ସଂପତ୍ତିର ତାଲିକାର ଏକ କିତା ନକଲ ଏଥି ସହିତ ସଂଲଗ୍ନ କରାଗଲା ।

08/07/2025

ଉପଜିଲ୍ଲାପାଳ ତଥା- କାର୍ଯ୍ୟନିର୍ବାହୀ ଅଧିକାରୀ
ଦେବୋତ୍ତର, ପାଟଣାଗଡ

## ନିଲାମ ହେବାକୁ ଥିବା ଶ୍ରୀଜଗନ୍ନାଥ ମନ୍ଦିର,ମଣ୍ଡଳର ସମ୍ପତ୍ତିର ତାଲିକା(୨୦୨୫-୨୬ ଠାରୁ ୨୦୨୯-୩୦) (ପାଞ୍ଚବର୍ଷ)

| କ୍ର.ନଂ. | ଖତିୟାନ ନଂ. | ପ୍ରଟ ନଂ | କିସମ | ଏରିଆ | ମୋଟ ଏରିଆ | ଜମିର ନାମ | ଧାର୍ଯ୍ୟ ସରକାରୀ ମୂଲ୍ୟ ଟ. | ଅମାନତ ରାଶି ଟ. |
|---|---|---|---|---|---|---|---|---|
| 1 | 53 | 1009 | ବାହାଲପାଣି ଦୁଇ | ଏ 1.470ଡି | ଏ 2.620 ଡି. | ପିପଲ ବାହାଲ | 98,445/- | 9,845/- |
| | 53 | 1008 | ବାହାଲ ମାମୁଲି | ଏ 0.800ଡି | | | | |
| | 53 | 1006 | ଆଟ ମାମୁଲି | ଏ 0.350ଡି | | | | |
| 2 | 53 | 983 | ଆଟ ମାମୁଲି | ଏ 1.700 ଡି | ଏ 12.960 ଡି | ହାଇସ୍କୁଲ ଆଟ | 29,271/- | 2,927/- |
| | 53 | 984 | ଆଟ ମାମୁଲି | ଏ 0.140ଡି | | | | |
| | 53 | 986 | ଆଟ ମାମୁଲି | ଏ 5.000 ଡି | | | | |
| | 53 | 987 | ଆଟ ମାମୁଲି | ଏ 6.120ଡି | | | | |
| 3 | 53 | 1545 | ବାହାଲପାଣି ଦୁଇ | ଏ 0.730 ଡି | ଏ 0.730 ଡି | ଜାଗରି ବାହାଲ | 27,737/- | 2,774/- |
| 4 | 53 | 988 | ଆଟ ମାମୁଲି | ଏ 6.440ଡି | ଏ 10.740ଡି | ଆମ୍ବତୋଟା ଆଟ | 3,03,226/- | 30,323/- |
| | 53 | 989 | ଆଟ ମାମୁଲି | ଏ 4.300ଡି | | | | |
| 5 | 53 | 314 | ଆଟ ମାମୁଲି | ଏ 0.350 ଡି | ଏ 3.260 ଡି | ଗୋବର ଆଟ | 47,333/- | 4,733/- |
| | 53 | 283 | ଆଟ ମାମୁଲି | ଏ 0.680 ଡି | | | | |
| | 53 | 275 | ଆଟ ମାମୁଲି | ଏ 2.230 ଡି | | | | |
| | | | | ମୋଟ | ଏ 17.350 ଡି | | **5,06,012/-** | |

### ଶ୍ରୀ ବଳଦେବ ଜୀଉ,ବ୍ରହ୍ମପୁରା,ପାଟଣାଗଡ଼ର ୨୦୨୫-୨୬ ବର୍ଷ ପାଇଁ ନିଲାମ ହେବାକୁ ଥିବା ଚାଷ ଜମି ର ବାର୍ଷିକ ନିଲାମ ହେବାକୁ ଥିବା ଜମିର ତାଲିକା

| କ୍ର.ସଂ. | ଜମି ର ନାମ | ଏରିଆ | ଧାର୍ଯ୍ୟ ସରକାରୀ ମୂଲ୍ୟ(୨୦୨୫-୨୬) ଟ. | ଅମାନତ ଜମା ଟ. |
|---|---|---|---|---|
| 1 | ଅଁଏଲା ବାହାଲି (ଡ) | ଏ 3.824 ଡି | 17,050/- | 1,705/- |
| 2 | ବାଗ ଘର ଭାଗ (ଖ) | ଏ 2.250 ଡି | 13,222/- | 1,322/- |
| | ମୋଟ | ଏ **6.074** ଡି | **30,272/-** | |

ଉପଜିଲ୍ଲାପାଳ ତଥା- କାର୍ଯ୍ୟନିର୍ବାହୀ ଅଧିକାରୀ
ଦେବୋତ୍ତର, ପାଟଣାଗଡ

ଜ୍ଞାପନ ସଂଖ୍ୟା 3081 ତାରିଖ 08.07.2025

ଏହାର ଏକକିତା ନକଲ ଦେବୋତ୍ତର କମିଶନର, ଓଡିଶା,ଭୁବନେଶ୍ଵର ସହ ଯୁଗ୍ମ ଦେବୋତ୍ତର କମିଶନର,ସମ୍ବଲପୁର/ଜିଲ୍ଲାପାଳ,ବଲାଙ୍ଗିର/ସମସ୍ତ ତହସିଲଦାର/ସମସ୍ତ ଗୋଷ୍ଠି ଉନ୍ନୟନ ଅଧିକାରୀ, ପାଟଣାଗଡ ଉପଖଣ୍ଡ ତଥା ସର୍ବ ସାଧାରଣଙ୍କ ଅବଗତି ନିମନ୍ତେ ତାଙ୍କର ନିଜସ୍ୱ ନୋଟିସ୍ ବୋର୍ଡ ରେ ପ୍ରକାଶ୍ୟ ପାଇଁ ଅନୁରୋଧ କରାଗଲା ।

ଏହାର ଏକକିତା ନକଲ ଦେବୋତ୍ତର ମ୍ୟାନେଜର, ମଣ୍ଡଲ ଓ ଦେବୋତ୍ତର ମ୍ୟାନେଜର,ପାଟଣାଗଡ଼ଙ୍କ ଅବଗତି ଓ ବିଧିକାର୍ଯ୍ୟ ନିମନ୍ତେ ପ୍ରେରଣ କରାଗଲା ଓ ନିର୍ଦ୍ଦେଶଦିଆଗଲା ଯେ ବିଜ୍ଞାପନଟି ଶ୍ରୀ ବଳଦେବ ଜୀଉ,ବ୍ରହ୍ମପୁରା,ପାଟଣାଗଡ଼ ଓ ଶ୍ରୀଜଗନ୍ନାଥ ମନ୍ଦିର,ମଣ୍ଡଲ ଠାରେ ଛାପିବେ ।

ଉପଜିଲ୍ଲାପାଳ-ତଥା- କାର୍ଯ୍ୟନିର୍ବାହୀ ଅଧିକାରୀ
ଦେବୋତ୍ତର, ପାଟଣାଗଡ

ଜ୍ଞାପନ ସଂଖ୍ୟା 3082 ତାରିଖ 08.07.2025

ଏହାର ଏକକିତା ନକଲ District Information Officer, NIC, Balangir ଙ୍କ ଅବଗତି ନିମନ୍ତେ ଓ ବିଜ୍ଞାପନକୁ ୱେବ ସାଇଟରେ ପ୍ରକାଶ୍ୟ ପାଇଁ ଅନୁରୋଧ କରାଗଲା ।

ଉପଜିଲ୍ଲାପାଳ-ତଥା- କାର୍ଯ୍ୟନିର୍ବାହୀ ଅଧିକାରୀ
ଦେବୋତ୍ତର, ପାଟଣାଗଡ

## <u>ଜଉମୁଦ ଟେଣ୍ଡର ନିମନ୍ତେ ଆବେଦନ ଫର୍ମ</u>
## <u>ଆର୍ଥିକ ବର୍ଷ ୨୦୨୫-୨୬ ଠାରୁ ୨୦୨୯-୩୦ (ପାଞ୍ଚ ବର୍ଷ) ପାଇଁ</u>

୧. ମନ୍ଦିର ନାମ :

୨. ଆବେଦନକାରୀଙ୍କ ନାମ :

୩. ପିତାଙ୍କ ନାମ :

୪. ଗ୍ରାମ :

୫. ପୋ. ଅ. :

୬. ଥାନା :

୭. ଧାର୍ଯ୍ୟ ସରକାରୀ ମୂଲ୍ୟ :

୮. ସମ୍ପତ୍ତିର ନାମ :

୯. ଅମାନତ ଜମା :

୧୦. ଡିମାଣ୍ଡ ଡ୍ରାଫ୍ଟ ନଂ/ବ୍ୟାଙ୍କର୍ସ ଚେକ ନଂ:............................ଟା..............................

୧୧.ଅଭିବ୍ୟକ୍ତି ପ୍ରକାଶନ ମୂଲ୍ୟ(ଅଙ୍କରେ)......................................................................................
୧୨.ଅଭିବ୍ୟକ୍ତି ପ୍ରକାଶନ ମୂଲ୍ୟ(ଲିଖିତ ଆକାରରେ)...........................................................................
..........................................................................................................................................

### <u>ଘୋଷଣା</u>

ମୁଁ ଶ୍ରୀ..........................................................................................................................
ଗ୍ରାମ.......................................................ପୋ.ଅ...............................................,ଜିଲ୍ଲା-ବଲାଙ୍ଗିର ଘୋଷଣା କରୁଅଛି ଯେ, ସମସ୍ତ ଟେଣ୍ଡର ସମ୍ବନ୍ଧୀୟ ସର୍ତ୍ତାବଳିକୁ ମାନିବି ଓ ଆଇନ ଅନୁଯାୟୀ ସମସ୍ତ ଦେୟ ଠିକ ସମୟରେ ପଇଠ କରିବି । ଏହାର ଅମାନ୍ୟ କଲେ ମୋ ବିରୁଦ୍ଧରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ପାରିବ ।

ଟେଣ୍ଡର ଆବେଦନକାରୀଙ୍କ ସମ୍ପୂର୍ଣ୍ଣ ଦସ୍ତଖତ

# ଜଉମୁଦ ଟେଣ୍ଡର ନିମନ୍ତେ ଆବେଦନ ଫର୍ମ ଆର୍ଥିକ ବର୍ଷ ୨୦୨୫-୨୬ (୧ ବର୍ଷ) ପାଇଁ

୧. ମନ୍ଦିର ନାମ :

୨. ଆବେଦନକାରୀଙ୍କ ନାମ :

୩. ପିତାଙ୍କ ନାମ :

୪. ଗ୍ରାମ :

୫. ପୋ. ଅ. :

୬. ଥାନା :

୭. ଧାର୍ଯ୍ୟ ସରକାରୀ ମୂଲ୍ୟ :

୮. ସମ୍ପତ୍ତିର ନାମ :

୯. ଅମାନତ ଜମା :

୧୦. ଡିମାଣ୍ଡ ଡ୍ରାଫ୍ଟ ନଂ/ବ୍ୟାଙ୍କର୍ସ ଚେକ ନଂ:............................ତା...............................

୧୧.ଅଭିବ୍ୟକ୍ତି ପ୍ରକାଶନ ମୂଲ୍ୟ(ଅଙ୍କରେ)..........................................................................................
୧୨.ଅଭିବ୍ୟକ୍ତି ପ୍ରକାଶନ ମୂଲ୍ୟ(ଲିଖିତ ଆକାରରେ)..............................................................................

.......................................................................................................................................

## ଘୋଷଣା

ମୁଁ,ଶ୍ରୀ..................................................................................................................................
ଗ୍ରାମ.......................................................ପୋ.ଅ...............................................,ଜିଲ୍ଲା-ବଲାଙ୍ଗିର ଘୋଷଣା କରୁଅଛି ଯେ, ସମସ୍ତ ଟେଣ୍ଡର ସମ୍ବନ୍ଧୀୟ ସର୍ତ୍ତାବଳିକୁ ମାନିବି ଓ ଆଇନ ଅନୁଯାୟୀ ସମସ୍ତ ଦେୟ ଠିକ ସମୟରେ ପଇଠ କରିବି । ଏହାର ଅମାନ୍ୟ କଲେ ମୋ ବିରୁଦ୍ଧରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ପାରିବ ।

ଟେଣ୍ଡର ଆବେଦନକାରୀଙ୍କ ସମ୍ପୂର୍ଣ୍ଣ ଦସ୍ତଖତ